**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15 MAY– 2026**

# ମୁଖ୍ୟମନ୍ତ୍ରୀ–ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଆଇନ୍ ପରିସ୍ଥିତି ସମ୍ପର୍କରେ ବରିଷ୍ଠ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାପାଇଁ ପରାମର୍ଶ ଦେବା ସହ ଜିଲ୍ଲାସ୍ତରରେ ଅଧିକାରୀମାନେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଗୁଆ ପଦକ୍ଷେପ, କ୍ରାଇମ୍ ମ୍ୟାପିଂ ଓ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି...

**V/O (Anu Garg)**

# ରେଳ ଭିତ୍ତିଭୂମି

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୯୦ହଜାର କୋଟି ଟଙ୍କାର ରେଳପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଦୀର୍ଘଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ଼ ବଲାଙ୍ଗୀର ରେଳଲାଇନ୍ ପ୍ରକଳ୍ପ କାର୍ଯ୍ୟ ୨୦୨୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ହାୱଡ଼ା-ଚେନ୍ନାଇ ମୁଖ୍ୟ କରିଡ଼ର ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଭବିଷ୍ୟତରେ ଏହି କରିଡର ମାଧ୍ୟମରେ ଓଡ଼ିଶାରେ ୫୦୦ଟି ଅତିରିକ୍ତ ଟ୍ରେନ୍ ଚଳାଚଳ କରିପାରିବ। ଅମୃତ ଷ୍ଟେସନ ଯୋଜନା ଅଧୀନରେ ରାଜ୍ୟରେ ୫୯ଟି ରେଳ ଷ୍ଟେସନର ପୁନଃ ବିକାଶ କରାଯାଉଛି । ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ ନୂତନ ଡିପିଆର୍ ପ୍ରସ୍ତୁତ ହେଉଛି । ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଓ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ନିଟ୍ ମିଟିଂ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ପରବର୍ତ୍ତୀ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା-ନିଟ୍ ୟୁଜି ପରୀକ୍ଷା ନିମନ୍ତେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଟ୍ ପରୀକ୍ଷାକୁ  ଦକ୍ଷତାର ସହିତ ପରିଚାଳନା କରିବା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ସୂଚନା ଅନୁସାରେ ପୂର୍ବରୁ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଅଭିଯୋଗ ପରେ ପରୀକ୍ଷାକୁ ବାତିଲ କରାଯାଇଥିଲା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ମାମଲାର ତଦନ୍ତ କରୁଛି ।

# ଭାରତୀୟ ଷ୍ଟାମ୍ପ ଅଧିନିୟମ

ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶ ସମ୍ପର୍କିତ ଅଧିସୂଚନା ପ୍ରକାଶ ପାଇଛି । ଏହାଦ୍ୱାରା ଆପାର୍ଟମେଣ୍ଟର ସାଧାରଣ କ୍ଷେତ୍ର ଏବଂ ସୁବିଧାଗୁଡ଼ିକ ପାଇଁ ହିତାଧିକାରୀଙ୍କ ୫୦ହଜାର ଟଙ୍କାର ଷ୍ଟାମ୍ପ ଦେୟ ଦେବାକୁ ପଡିବ । ସେହିପରି ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ଗୁଡ଼ିକର ବିକ୍ରି ସମୟରେ ସାଧାରଣ କ୍ଷେତ୍ର ଏବଂ ସୁବିଧାର ଅବିଭକ୍ତ ଅଂଶ ଉପରେ କେବଳ ୫ ପ୍ରତିଶତ ଷ୍ଟାମ୍ପ ଦେୟ ଦେବାକୁ ପଡିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ହସ୍ତଶିଳ୍ପ-କର୍ମଶାଳା

ହସ୍ତଶିଳ୍ପ ଆମ ସଂସ୍କୃତିର ସ୍ପନ୍ଦନ ଓ ଅସ୍ମିତାର ନିଦର୍ଶନ । ହସ୍ତଶିଳ୍ପୀମାନେ ସାଂସ୍କୃତିକ ଐତିହ୍ୟର ସଂରକ୍ଷକ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ହସ୍ତଶିଳ୍ପର ସୁରକ୍ଷା, ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ହସ୍ତଶିଳ୍ପୀଙ୍କ କଲ୍ୟାଣକୁ ଆଧାର କରି ଭୁବନେଶ୍ୱରଠାରେ ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି ୨୦୨୬ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଚିଠାନୀତି ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରି କହିଥିଲେ, **bikasitaodisha@2036** ଏବଂ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ ଆଧାରରେ ଏହି ଚିଠା ପ୍ରସ୍ତୁତ କରାଯାଇଛି ।

## ପଞ୍ଚାୟତ ପୁରସ୍କାର

ଓଡ଼ିଶାକୁ ଗତବର୍ଷ ପାଇଁ ୫ଟି ଜାତୀୟ ପଞ୍ଚାୟତ ପୁରସ୍କାର ମିଳିବ । ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ଘୋଷଣା କରାଯାଇଛି । ଏଥିରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛି । ଆସନ୍ତା ମାସ ୩ ତାରିଖରେ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବ ।

## ତ୍ରୁଟି ସଂଶୋଧନ

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ଓଡ଼ିଶା ପାଠ୍ୟପୁସ୍ତକରେ ସହିଦ ମାଧୋ ସିଂ ଅଧ୍ୟାୟରେ ରହିଥିବା ମୁଦ୍ରଣଗତ ତ୍ରୁଟିକୁ ଖୁବ୍‌ଶୀଘ୍ର ସଂଶୋଧନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଏସ୍‌ସିଇଆର୍‌ଟି ଅତିରିକ୍ତ ନିର୍ଦ୍ଦେଶକଙ୍କ ଜରିଆରେ ବରଗଡ ଓ ସମ୍ବଲପୁର ଜିଲ୍ଲାପାଳଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ପୁସ୍ତକରେ ରହିଥିବା ତ୍ରୁଟି ସଂଶୋଧନ ପାଇଁ ପରାମର୍ଶ ଦିଆଯାଇଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ସ୍ଥିତି ଅନୁକୂଳ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୧୬ତାରିଖ ସୁଦ୍ଧା ଦକ୍ଷିଣ

ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି । ତେବେ କାଳବୈଶାଖୀ ଜନିତ ବର୍ଷା ପରେ ରାଜ୍ୟରେ ପୁଣି ତାପମାତ୍ରା ବୃଦ୍ଧି ପାଇଛି । ଆଗାମୀ ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଗତକାଲି ବଲାଙ୍ଗୀର ଠାରେ ସର୍ବାଧିକ ତାପମାତ୍ରା ୪୦ଦଶମିକ ୩ଡିଗ୍ରୀ ରେକର୍ଡ ହୋଇଥିଲା ।